# NATIONAL NEWS BULLETIN (ODIA)

## 23rd February - 2025

## Morning Bulletin : 7.15 a.m.

**********************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ସତ୍ୟବ୍ରତ ବେହୁରା**

## ମୁଖ୍ୟ ସମ୍ବାଦ

- ମନ୍ କୀ ବାତ୍ କାର୍ଯ୍ୟକ୍ରମରେ ଆଜି ପୂର୍ବାହ୍ନ ୧୧ଟାରେ ଦେଶବାସୀଙ୍କ ସହ ଭାବ ବିନିମୟ କରିବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ।
- ଯକ୍ଷ୍ମା ନିରାକରଣ ଅଭିଯାନରେ ଦେଶରେ ୫ ଲକ୍ଷରୁ ଅଧିକ ଯକ୍ଷ୍ମାରୋଗୀ ଚିହ୍ନଟ ।
- ମଧ୍ୟପ୍ରଦେଶ, ବିହାର ଓ ଆସାମକୁ ଆଜିଠାରୁ ତିନିଦିନିଆ ଗସ୍ତରେ ଯିବେ ପ୍ରଧାନମନ୍ତ୍ରୀ ।
- ମହାକୁମ୍ଭ ତ୍ରିବେଣୀ ସଙ୍ଗମରେ ପବିତ୍ର ସ୍ନାନ କରିଛନ୍ତି ୬୦ କୋଟିରୁ ଅଧିକ ଶ୍ରଦ୍ଧାଳୁ ।

ଏବଂ

- ଆଇ.ସି.ସି. ଚାମ୍ପିୟନସିପ୍ ଟ୍ରଫିରେ ଆଜି ମୁହାଁମୁହିଁ ହେବେ ଭାରତ ଓ ପାକିସ୍ତାନ ।

## ମନ୍ କୀ ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ପୂର୍ବାହ୍ନ ୧୧ଟାରେ ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଜନସାଧାରଣଙ୍କ ସହ ଭାବ ବିନିମୟ କରିବେ । ଏହା ମନ୍ କି ବାତ୍ କାର୍ଯ୍ୟକ୍ରମର ୧୧୯ତମ ସଂସ୍କରଣ ହେବ ।

ଆକାଶବାଣୀ ଓ ଦୂରଦର୍ଶନର ସମସ୍ତ ନେଟ୍‌ୱର୍କ, ଆକାଶବାଣୀ ସମ୍ବାଦ ୱେବ୍‌ସାଇଟ୍ ଓ ନ୍ୟୁଜ୍ ଅନ୍ ଏୟାର ମୋବାଇଲ୍ ଆପ୍‌ରେ ମନ୍ କୀ ବାତ୍ ଉପଲବ୍ଧ ହେବ । ଆକାଶବାଣୀ ସମ୍ବାଦ, ଡି.ଡି. ନ୍ୟୁଜ୍, ପି.ଏମ୍.ଓ. ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ମଧ୍ୟ ଏହି କାର୍ଯ୍ୟକ୍ରମର ସିଧା ପ୍ରସାରଣ କରାଯିବ । ହିନ୍ଦୀ ପ୍ରସାରଣ ପରେ ପରେ ଆକାଶବାଣୀ କାର୍ଯ୍ୟକ୍ରମର ଆଞ୍ଚଳିକ ଭାଷାନ୍ତରଣ ପ୍ରସାରଣ କରିବ । ରାତି ଆଠଟାରେ ଆଞ୍ଚଳିକ ଭାଷାନ୍ତରଣର ପୁନଃ ପ୍ରସାରଣ କରାଯିବ ।

# ଟି.ବି. - କ୍ୟାମ୍ପେନ୍

ଦେଶରେ ୫ ଲକ୍ଷରୁ ଅଧିକ ଯକ୍ଷ୍ମାରୋଗୀ ଚିହ୍ନଟ ହୋଇଛନ୍ତି । କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାରଣ କଲ୍ୟାଣ ମନ୍ତ୍ରଣାଳୟଦ୍ୱାରା ଚାଲିଥିବା ୧୦୦ ଦିନିଆ ଯକ୍ଷ୍ମା ନିରାକରଣ ଅଭିଯାନରୁ ଏହା ଜଣାପଡ଼ିଛି । ଦେଶର ୪୫୫ଟି ଜିଲ୍ଲାରେ ଏହି ଅଭିଯାନ ଅଧୀନରେ ୩ ଲକ୍ଷ ୫୭ ହଜାର ଯକ୍ଷ୍ମାରୋଗୀ ଚିହ୍ନଟ ହୋଇଛନ୍ତି । ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ସୂଚନା ଅନୁଯାୟୀ ଏହି ଅଭିଯାନ କାଳରେ ୧୦ କୋଟିରୁ ଅଧିକ ଲୋକଙ୍କ ପରୀକ୍ଷା କରାଯାଇଥିଲା ।

ଏହି ଅଭିଯାନ ଅଧୀନରେ ୧୦ ଲକ୍ଷ ନି-କ୍ଷୟ ଶିବିର ଜରିଆରେ ଯକ୍ଷ୍ମା ଚିହ୍ନଟ ଲାଗି ଆଧୁନିକ ଯନ୍ତ୍ରପାତିର ବ୍ୟବହାର ସମ୍ପର୍କରେ ମଧ୍ୟ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା । ଅନ୍ୟପକ୍ଷରେ ୮୩୬ଟି ନି-କ୍ଷୟ ବାହନ ଜରିଆରେ ଦୁର୍ଗମ ଅଞ୍ଚଳଗୁଡ଼ିକରେ ଯକ୍ଷ୍ମା ଦୂରୀକରଣ ସେବା ଯୋଗାଇ ଦିଆଯାଇଥିଲା । ଏହି ଅଭିଯାନ ଆରମ୍ଭ ହେବା ପରଠାରୁ ୨ ଲକ୍ଷ ୪୦ ହଜାର ନି-କ୍ଷୟ ମିତ୍ର ପଞ୍ଜିକୃତ ହୋଇ ଯକ୍ଷ୍ମାରୋଗୀମାନଙ୍କୁ ସନ୍ତୁଳିତ ଆହାର ଓ ମାନସିକ ସ୍ୱାସ୍ଥ୍ୟ ସମ୍ପର୍କରେ ସଚେତନ କରାଉଛନ୍ତି ।

# ଭି.ପି. - ଜୟପୁର ଭିଜିଟ୍

ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ ଆଜି ଦିନିକିଆ ରାଜସ୍ଥାନର ଜୟପୁର ଗସ୍ତ କରିବେ । ଜୟପୁରସ୍ଥିତ ଜାତୀୟ ବିଶ୍ୱବିଦ୍ୟାଳୟର ଚର୍ତୁଦ୍ଦଶ ସମାବର୍ତ୍ତନ ଉତ୍ସବରେ ଶ୍ରୀ ଧନଖଡ଼ ମୁଖ୍ୟ ଅତିଥି ଭାବେ ଯୋଗଦେବେ।

# ପି.ଏମ୍. - ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜିଠାରୁ ତିନିଦିନିଆ ମଧ୍ୟପ୍ରଦେଶ, ବିହାର ଓ ଆସାମ ଗସ୍ତରେ ଯିବେ। ଏହି ଗସ୍ତକାଳରେ ସେ ମଧ୍ୟପ୍ରଦେଶର ଛତ୍ରପୁର ଜିଲ୍ଲାରେ ବାଗେଶ୍ୱର ଧାମ ଚିକିତ୍ସା ଏବଂ ବିଜ୍ଞାନ ଗବେଷଣା ସଂସ୍ଥାନର ଶିଳାନ୍ୟାସ କରିବେ । ଏହି ସଂସ୍ଥାନର କ୍ୟାନସର ହସ୍ପିଟାଲରେ ଗରିବ କର୍କଟ ରୋଗୀଙ୍କୁ ମାଗଣାରେ ଚିକିତ୍ସା କରାଯିବ ଏବଂ ଅତ୍ୟାଧୁନିକ ଯନ୍ତ୍ରପାତି ସହ ବିଶେଷଜ୍ଞ ଡାକ୍ତର ରହିବାର ବ୍ୟବସ୍ଥା କରାଯିବ। ଭୋପାଳରେ ଦୁଇ ଦିନିଆ 'ବିଶ୍ୱ ପୁଞ୍ଜିବିନିଯୋଗ ସିମ୍ମିଳନୀ-୨୦୨୫'କୁ ମଧ୍ୟ ଶ୍ରୀ ମୋଦି ଉଦଘାଟନ କରିବେ ।

ପ୍ରଧାନମନ୍ତ୍ରୀ ଆସନ୍ତାକାଲି ବିହାରର ଭାଗଲପୁର ଗସ୍ତ କରିବେ। ସେ ପିଏମ କିଷାନ ଯୋଜନାର ଊନବିଂଶତମ କିସ୍ତି ପ୍ରଦାନ କରିବା ସହ

ବିହାରରେ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଉଦଘାଟନ ଓ ଲୋକାର୍ପଣ କରିବେ । ପିଏମ୍ କିଶାନ ଯୋଜନାରେ ଦେଶର ୯ କୋଟି ୭୦ ଲକ୍ଷରୁ ଅଧିକ କୃଷକ ୨୧ ହଜାର ୫୦୦ କୋଟି ଟଙ୍କାରୁ ଅଧିକ ସିଧାସଳଖ ଆର୍ଥିକ ଲାଭ ପାଇବେ।

ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ବିହାରରୁ ଗୌହାଟୀ ଯାଇ ଝୁମୋଇର ବିନନ୍ଦିନୀ–୨୦୨୫ କାର୍ଯ୍ୟକ୍ରମରେ ଯୋଗଦେବେ। ମେଗା ଝୁମୋଇର କାର୍ଯ୍ୟକ୍ରମ ଚା' ଶିଳ୍ପ ଏବଂ ଆସାମ ଶିଳ୍ପାୟନର ୨୦୦ ବର୍ଷର ପ୍ରତୀକ । ମଙ୍ଗଳବାର ଦିନ ଶ୍ରୀ ମୋଦୀ ଗୌହାଟୀରେ ଆଡଭାଣ୍ଟେଜ୍ ଆସାମ ୨.୦ ନିବେଶ ଏବଂ ଭିତ୍ତିଭୂମି ସମ୍ମିଳନୀ ୨୦୨୫କୁ ଉଦ୍‌ଘାଟନ କରିବାର କାର୍ଯ୍ୟସୂଚୀ ରହିଛି।

## ଦିଲ୍ଲୀ - ଆସେମ୍ବ୍ଲି ସେସନ୍

ଦିଲ୍ଲୀର ଅଷ୍ଟମ ବିଧାନସଭାର ପ୍ରଥମ ଅଧିବେଶନ ଆସନ୍ତାକାଲିଠାରୁ ଆରମ୍ଭ ହେବ । ୩ ଦିନ ପାଇଁ ଏହି ଅଧିବେଶନ ଚାଲିବ ବୋଲି କୁହାଯାଇଛି । ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ, ଅଧିବେଶନର ପ୍ରଥମ ଦିନରେ ନବନିର୍ବାଚିତ ବିଧାୟକମାନେ ଶପଥପାଠ କରିବେ । ସେହିଦିନ ବାଚସ୍ପତି ନିର୍ବାଚନ କରାଯିବ । ଅଧିବେଶନର ଦ୍ୱିତୀୟ ଦିନରେ ଦିଲ୍ଲୀ ଉପରାଜ୍ୟପାଳ

ବିନୟ କୁମାର ସକ୍‌ସେନା ଗୃହକୁ ସମ୍ବୋଧନ କରିବେ ଏବଂ ସେହିଦିନ ମହାଲେଖା ନିରୀକ୍ଷକଙ୍କ ରିପୋର୍ଟ ଉପସ୍ଥାପନ କରାଯିବ । ଇତିମଧ୍ୟରେ ଦିଲ୍ଲୀ ଉପରାଜ୍ୟପାଳ, ବିଧାୟକ ଅରବିନ୍ଦର ସିଂହ ଲଭ୍‌ଲିଙ୍କୁ କାମଚଳା ବାଚସ୍ପତି ଭାବେ ନିଯୁକ୍ତି ଦେଇଛନ୍ତି । ସେ ଅନ୍ୟ ନବନିର୍ବାଚିତ ବିଧାୟକମାନଙ୍କୁ ଶପଥପାଠ କରାଇବେ ।

## ଜୟଶଙ୍କର-ମୋଦି-ୟୁ.ଏସ୍. ଭିଜିଟ୍

ଚଳିତ ମାସ ପ୍ରାରମ୍ଭରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆମେରିକା ଗସ୍ତ ସଫଳ ହୋଇଥିଲା ବୋଲି ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର କହିଛନ୍ତି । ସେ କହିଛନ୍ତି, ଆମେରିକା ରାଷ୍ଟ୍ରପତି ଡୋନାଲ୍‌ଡ୍ ଟ୍ରମ୍ପ୍ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମଧ୍ୟରେ ସଠିକ୍ ବୁଝାମଣା ରହିଛି । ଶ୍ରୀ ମୋଦି ଗତ ୧୨ ଏବଂ ୧୩ ତାରିଖରେ ଆମେରିକା ଗସ୍ତରେ ଯାଇ ଡୋନାଲଡ୍ ଟ୍ରମ୍ପ୍‌ଙ୍କ ସହ ବିଭିନ୍ନ ଦ୍ୱିପାକ୍ଷିକ ସମସ୍ୟାଗୁଡ଼ିକ ଉପରେ ବିସ୍ତୃତ ଆଲୋଚନା କରିଥିଲେ ।

ଡକ୍ଟର ଜୟଶଙ୍କ କହିଛନ୍ତି, ଲୋକମାନେ ଜାଣନ୍ତୁ, ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ହେଉଛନ୍ତି ଜଣେ ଜାତୀୟତାବାଦୀ ନେତା । ତେଣୁ ଶ୍ରୀ ଟ୍ରମ୍ପ୍ ଏବଂ ଶ୍ରୀ ମୋଦି ପରସ୍ପରକୁ ସମ୍ମାନ ଦିଅନ୍ତି । ସହଯୋଗଭିତ୍ତିକ ବୁଝାମଣାକୁ

ଅଗ୍ରାଧିକାର ଦେଇ ଉଭୟ ନେତା ନିଜ ଦେଶପାଇଁ କାର୍ଯ୍ୟ କରୁଛନ୍ତି ବୋଲି ଡକ୍ଟର ଜୟଶଙ୍କର କହିଛନ୍ତି ।

## ମହାକୁମ୍ଭ - ପ୍ରୋମିନେଣ୍ଟ ଡିଭୋଟିଜ୍

ପ୍ରୟାଗରାଜ ମହାକୁମ୍ଭର ତ୍ରିବେଣୀସଙ୍ଗମରେ ଏପର୍ଯ୍ୟନ୍ତ ୬୦ କୋଟି ୭୪ ଲକ୍ଷରୁ ଅଧିକ ଶ୍ରଦ୍ଧାଳୁ ପବିତ୍ର ସ୍ନାନ କରିଛନ୍ତି । ଗତକାଲି ବିଶ୍ୱର ବିଭିନ୍ନ ଦେଶରୁ ଲକ୍ଷାଧିକ ଶ୍ରଦ୍ଧାଳୁ ଓ ପର୍ଯ୍ୟଟକ ଏହି ମହାପର୍ବରେ ସାମିଲ୍ ହୋଇଥିଲେ । ଆମ ସମ୍ବାଦଦାତା ଜଣାଇଛନ୍ତି, ଗତକାଲି ସଙ୍ଗମଠାରେ ୧ କୋଟି ୮୩ ଲକ୍ଷରୁ ଅଧିକ ଶ୍ରଦ୍ଧାଳୁ ପବିତ୍ର ସ୍ନାନ କରିଥିଲେ । ସେମାନଙ୍କ ମଧ୍ୟରେ ଅନେକ ପ୍ରମୁଖ ବ୍ୟକ୍ତି ଅଛନ୍ତି ।

ମହାକୁମ୍ଭ ପରିଦର୍ଶନ କରିବାଲାଗି ସାଧୁସନ୍ଥ, ଶ୍ରଦ୍ଧାଳୁ ଏବଂ ପର୍ଯ୍ୟଟକମାନଙ୍କ ଭିଡ଼ ଲାଗିରହିଛି । କେରଳ ରାଜ୍ୟପାଳ ରାଜେନ୍ଦ୍ର ବିଶ୍ୱନାଥ ଆର୍ଲେକର ଗତକାଲି ନିଜ ପରିବାର ସହ ତ୍ରିବେଣୀ ସଙ୍ଗମରେ ସ୍ନାନ କରିଥିଲେ । ଏହି ଅବସରରେ ସେ କହିଥିଲେ, ମହାକୁମ୍ଭ ହେଉଛି ଆମ ଦେଶର ଏକତାର ପ୍ରତୀକ । ସେ କହିଥିଲେ, ଦେଶ ବିଦେଶରୁ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁ ମହାକୁମ୍ଭରେ ଏକତ୍ରିତ ହେବା ଏହି ପର୍ବର ଭବ୍ୟତାକୁ ଦର୍ଶାଉଛି ।

କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ତଥା ବି.ଜେ.ପି. ଅଧ୍ୟକ୍ଷ ଜଗତ୍‌ପ୍ରକାଶ ନଡ୍ଡା ମଧ୍ୟ ନିଜ ପରିବାର ସହ ସଙ୍ଗମରେ ସ୍ନାନ କରିଥିଲେ । ସେ ଜନସାଧାରଣଙ୍କ ମଙ୍ଗଳ ଲାଗି ପ୍ରାର୍ଥନା କରିଥିଲେ । ଶ୍ରୀ ନଡ୍ଡାଙ୍କ ସହ ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ମଧ୍ୟ ସଙ୍ଗମକୁ ଯାଇଥିଲେ ।

ତାମିଲନାଡୁ ରାଜ୍ୟ ବି.ଜେ.ପି. ଅଧ୍ୟକ୍ଷ କେ. ଆନ୍ନାମଲାଇ ମହାକୁମ୍ଭରେ ଯୋଗଦେବା ସହ ସ୍ନାନ କରିଥିଲେ । ମହାକୁମ୍ଭ ଏକ ସମୃଦ୍ଧ ସଭ୍ୟତା ଓ ଶାନ୍ତିର ବାର୍ତ୍ତାବହ ରୂପେ କାର୍ଯ୍ୟ କରୁଛି ବୋଲି ସେ କହିଛନ୍ତି । ହଜାର ହଜାର ବର୍ଷ ଧରି ଭାରତୀୟ ସଭ୍ୟତା ଏହିଭଳି ପବିତ୍ର ସ୍ଥାନରେ ଉଜ୍ଜୀବିତ ରହିଛି । ଆଜି ଯୋଗୀ ଆଦିତ୍ୟନାଥ ମହାକୁମ୍ଭ ଗସ୍ତ କରି ବିଭିନ୍ନ କାର୍ଯ୍ୟକ୍ରମରେ ସାମିଲ୍ ହେବେ ।

## ଜେ.କେ. - ଜିତେନ୍ଦ୍ର ସିଂହ - ହସ୍ପିଟାଲ୍

ଜନସାଧାରଣଙ୍କୁ ଉନ୍ନତ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାନେଇ ଉଭୟ ସରକାରୀ ଓ ଘରୋଇ ସ୍ୱାସ୍ଥ୍ୟକ୍ଷେତ୍ରଗୁଡ଼ିକ ମଧ୍ୟରେ ସମନ୍ୱୟ ଉପରେ ଗୁରୁତ୍ୱ ଦେବାକୁ କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂହ ଆହ୍ୱାନ ଦେଇଛନ୍ତି । ସେ କହିଛନ୍ତି, କେନ୍ଦ୍ର ସରକାର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଉଭୟ ଘରୋଇ ଓ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକ ମଧ୍ୟରେ ସୁ-ସମନ୍ୱୟ ସ୍ଥାପନ ଲାଗି ବ୍ୟବସ୍ଥା

କରିଛନ୍ତି । ଦେଶର ଦୁର୍ଗମ ଅଞ୍ଚଳଗୁଡ଼ିକରେ ସ୍ୱାସ୍ଥ୍ୟସେବା ପହଞ୍ଚାଇବା କ୍ଷେତ୍ରରେ ଉଭୟ କ୍ଷେତ୍ର କାର୍ଯ୍ୟ କରୁଛି ବୋଲି ଡକ୍ଟର ସିଂହ କହିଛନ୍ତି । ଗତକାଲି ଜମ୍ମୁ-କାଶ୍ମୀରର ଅଖନୁରଠାରେ ନୀଳକଣ୍ଠ ସ୍ୱାସ୍ଥ୍ୟକେନ୍ଦ୍ରର ଉଦ୍‌ଘାଟନୀ ଉତ୍ସବରେ ଯୋଗଦେଇ ଡକ୍ଟର ସିଂହ କହିଛନ୍ତି, ଏନ୍.ଡି.ଏ. ସରକାର ସ୍ୱାସ୍ଥ୍ୟସେବାକୁ ପ୍ରାଥମିକତା ଦେଇଛନ୍ତି, ଯାହାଫଳରେ ସାରା ଦେଶରେ ୧ କୋଟି ୫୦ ଲକ୍ଷରୁ ଅଧିକ ୱେଲ୍‌ନେସ୍ ସେଣ୍ଟର କାର୍ଯ୍ୟ କରୁଛି । ସେ କହିଛନ୍ତି, ଆୟୁଷ୍ମାନ ଭାରତ ବିଶ୍ୱର ବୃହତ୍ ସ୍ୱାସ୍ଥ୍ୟବୀମା ଯୋଜନା ଭାବେ ପରିଗଣିତ ହୋଇଛି ଏବଂ ଏହା ସ୍ୱାସ୍ଥ୍ୟସେବା ପ୍ରଦାନକାରୀ ଓ ରୋଗୀମାନଙ୍କପାଇଁ ଲାଭଦାୟକ ସାବ୍ୟସ୍ତ ହୋଇଛି ।

## ସୁଦାନ - କଲେରା ଆଉଟ୍‌ବ୍ରିକ୍

ସୁଦାନରେ ହଇଜା ବ୍ୟାପିବା ଯୋଗୁଁ ୬୦ ଜଣଙ୍କ ମୃତ୍ୟୁ ହୋଇଛି । ଗତ ୩ ଦିନ ମଧ୍ୟରେ ହଇଜାରେ ୧ ହଜାର ୩ ଶହରୁ ଅଧିକ ଲୋକ ଆକ୍ରାନ୍ତ ହୋଇଥିବା ଜଣାପଡ଼ିଛି । ସେଠାକାର ସ୍ୱାସ୍ଥ୍ୟବିଭାଗ ସୂଚନା ଅନୁଯାୟୀ, ଦୂଷିତ ଜଳ ଯୋଗୁଁ କୋସ୍ତି ଜିଲ୍ଲାରେ ହଇଜା ବ୍ୟାପିଛି । ସୂଚନା ଅନୁଯାୟୀ, ଜଳ ବିଶୋଧନାଗାର ଉପରେ ସଂଘର୍ଷରତ ସେନାର ଆକ୍ରମଣ ପରେ ତାହା ବନ୍ଦ କରିଦିଆଯାଇଛି । ଗତ ୨ ବର୍ଷ ହେବ ଦେଶର ସେନା

ଏବଂ ବିରୋଧୀ ସୈନ୍ୟବଳ ମଧ୍ୟରେ ଲଗାତାର ସଂଘର୍ଷ ହୋଇ ଆସୁଛି । ସୁଦାନର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ କହିଛି, ହଇଜା ବ୍ୟାପିବା ଘଟଣାରେ ୫୮ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ଗତ ୩ ଦିନ ମଧ୍ୟରେ ୧ ହଜାର ୨୯୩ ଜଣ ଏଥିରେ ସଂକ୍ରମିତ ହୋଇ ଚିକିତ୍ସିତ ହେଉଛନ୍ତି ।

## ଇଣ୍ଡିଆ ବନାମ ପାକ୍ - ଆଇ.ସି.ସି. କ୍ରିକେଟ୍

ଆଇ.ସି.ସି. ପୁରୁଷ ଚାମ୍ପିୟନସିପ୍ ଟ୍ରଫିରେ ଆଜି ଗ୍ରୁପ୍-ଏ'ର ଏକ ମ୍ୟାଚ୍‌ରେ ଭାରତ ତା'ର ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ ସହ ଦୁବାଇର ଅନ୍ତର୍ଜାତିକ ଷ୍ଟାଡିୟମ୍‌ରେ ମୁକାବିଲା କରିବ । ଭାରତୀୟ ସମୟ ଅପରାହ୍ଣ ୨ଟା ୩୦ ମିନିଟ୍‌ରେ ଏହି ମ୍ୟାଚ୍ ଆରମ୍ଭ ହେବ ।

ଚଳିତ ଆଇ.ସି.ସି. ଚାମ୍ପିୟନସିପ୍‌ରେ ରୋହିତ୍ ଶର୍ମାଙ୍କ ନେତୃତ୍ୱରେ ଭାରତୀୟ କ୍ରିକେଟ୍ ଦଳ ବାଂଲାଦେଶକୁ ୬ ୱିକେଟ୍‌ରେ ହରାଇ ବିଜୟଯାତ୍ରା ଆରମ୍ଭ କରିଛି । ଅନ୍ୟପକ୍ଷରେ ପାକିସ୍ତାନ ନ୍ୟୁଜିଲାଣ୍ଡଠାରୁ ପ୍ରାରମ୍ଭିକ ମ୍ୟାଚ୍‌ରେ ୬୦ ରନ୍‌ରେ ପରାସ୍ତ ହୋଇସାରିଛି । ଆଜିର ମ୍ୟାଚ୍‌ରେ ଭାରତ ବିଜୟ ଲାଭ କଲେ ସେମିଫାଇନାଲ୍‌ରେ ପହଞ୍ଚିବା ଆଶା ଅଧିକ ରହିବ । ଅନ୍ୟପକ୍ଷରେ ଶେଷ ୪ଟି ମ୍ୟାଚ୍‌ରେ ପ୍ରତିଦ୍ୱନ୍ଦ୍ୱିତା କରିବା ଲାଗି ଆଜିର ମ୍ୟାଚ୍ ପାକିସ୍ତାନପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ।

୨୦୧୭ ଚାମ୍ପିୟନସିପ୍ ଟ୍ରଫି ଫାଇନାଲ୍ ପରଠାରୁ ଭାରତ ଓ ପାକିସ୍ତାନ ମଧ୍ୟରେ ହୋଇଥିବା ୬ଟି ମ୍ୟାଚ୍ ମଧ୍ୟରୁ ଭାରତ ୫ଟିରେ ବିଜୟଲାଭ କରିଛି । ୨୦୧୫ ପରଠାରୁ ପାକିସ୍ତାନ ବିପକ୍ଷରେ ଭାରତ ଗୋଟିଏମାତ୍ର ମ୍ୟାଚ୍‌ରେ ପରାସ୍ତ ହୋଇଥିଲା ।

ଚାମ୍ପିୟନ୍ସ ଟ୍ରଫିର ଗତକାଲି ଅନୁଷ୍ଠିତ ଗ୍ରୁପ୍-ବି'ର ଏକ ମ୍ୟାଚରେ ଅଷ୍ଟ୍ରେଲିଆ ୫ ଓ୍ୱିକେଟ୍‌ରେ ଇଂଲଣ୍ଡକୁ ପରାସ୍ତ କରିଛି । ପାକିସ୍ତାନର ଲାହୋର୍‌ସ୍ଥିତ ଗଦାଫି ଷ୍ଟାଡିୟମ୍‌ରେ ଅନୁଷ୍ଠିତ ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଇଂଲଣ୍ଡ ନିର୍ଦ୍ଧାରିତ ୫୦ ଓଭର୍‌ରେ ୮ ଓ୍ୱିକେଟ୍ ବିନିମୟରେ ୩୫୧ ରନ୍ ସ୍କୋର କରିଥିଲା । ଏହାର ଜବାବ୍‌ରେ ଅଷ୍ଟ୍ରେଲିଆ ୪୭ ଓଭର୍ ୩ଟି ବଲ୍‌ରେ ୫ଟି ଓ୍ୱିକେଟ୍ ହରାଇ ବିଜୟ ଲକ୍ଷ୍ୟ ହାସଲ କରିଥିଲା ।

ଆସନ୍ତା ମଙ୍ଗଳବାର ଦିନ ଅଷ୍ଟ୍ରେଲିଆ ଏବଂ ଦକ୍ଷିଣ ଆଫ୍ରିକା ଓ ବୁଧବାର ଦିନ ଇଂଲଣ୍ଡ ଏବଂ ଆଫଗାନିସ୍ତାନ ମଧ୍ୟରେ ମୁକାବିଲା ହେବ ।

## ଡବ୍ଲ୍ୟୁ.ପି.ଏଲ୍. - କ୍ରିକେଟ୍

ମହିଳା ପ୍ରିମିୟର୍ ଲିଗ୍ କ୍ରିକେଟ୍‌ରେ ବେଙ୍ଗାଲୁରୁର ଏମ୍. ଚିଦାମ୍ବରମ୍ ଷ୍ଟାଡିୟମ୍‌ରେ ଗତସନ୍ଧ୍ୟାରେ ଅନୁଷ୍ଠିତ ମ୍ୟାଚ୍ ୟୁ.ପି. ଓ୍ୱାରିୟର୍ସ ୩୩ ରନ୍‌ରେ ଦିଲ୍ଲୀ କ୍ୟାପିଟାଲ୍‌ସକୁ ପରାସ୍ତ କରିଛି । ଟସ୍ ଜିତି ପ୍ରଥମେ ଦିଲ୍ଲୀ କ୍ୟାପିଟାଲ୍‌ସ

ବୋଲିଂ କରିଥିବାବେଳେ ୟୁ.ପି. ୱାରିୟର୍ସ ନିର୍ଦ୍ଧାରିତ ୨୦ ଓଭର୍‌ରେ ୯ ୱିକେଟ୍ ହରାଇ ୧୭୭ ରନ୍ କରିଥିଲା । ତେବେ ଦିଲ୍ଲୀ କ୍ୟାପିଟାଲ୍‌ସ ୧୯ ଓଭର୍ ୩ଟି ବଲ୍‌ରେ ସମସ୍ତ ୱିକେଟ୍ ହରାଇ ୧୪୪ ରନ୍ ସଂଗ୍ରହ କରିବାକୁ ସକ୍ଷମ ହୋଇଥିଲା ।

ଆସନ୍ତାକାଲି ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଏବଂ ୟୁ.ପି. ୱାରିୟର୍ସ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ । ଟେବୁଲ୍ ତାଲିକାରେ ୪ ପଏଣ୍ଟ୍ ସହ ବେଙ୍ଗାଲୁରୁ ଦଳ ଶୀର୍ଷରେ ରହିଥିବାବେଳେ ମୁମ୍ବାଇ ଇଣ୍ଡିଆନ୍ସ ଏବଂ ଦିଲ୍ଲୀ କ୍ୟାପିଟାଲ୍‌ସ ସମାନ ପଏଣ୍ଟ ସହ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛନ୍ତି ।

## ଏଫ୍.ଆଇ.ଏଚ୍. ପ୍ରୋ ଲିଗ୍

ଏଫ୍.ଆଇ.ଏଚ୍. ପ୍ରୋ ଲିଗ୍‌ରେ ଭାରତର ଉଭୟ ମହିଳା ଓ ପୁରୁଷ ଦଳ ଗତକାଲି ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ୍‌ରେ ଆୟୋଜିତ ମ୍ୟାଚ୍‌ରେ ବିଜୟ ହାସଲ କରିଛନ୍ତି । ଭାରତୀୟ ପୁରୁଷ ହକିଦଳ ଆୟାର୍ଲାଣ୍ଡକୁ ୪-୦ ଗୋଲ୍‌ରେ ପରାସ୍ତ କରିଛି । ଆସନ୍ତାକାଲି ସନ୍ଧ୍ୟା ସାଢ଼େ ୭ଟାରେ ପୁରୁଷ ବର୍ଗରେ ଭାରତ ଓ ଇଂଲଣ୍ଡ ମଧ୍ୟରେ ମୁକାବିଲା ହେବ ।

ଅନ୍ୟପକ୍ଷରେ ଗତକାଲି ମହିଳା ବର୍ଗରେ ଭାରତ ୧-୦ ଗୋଲ୍‌ରେ ଜର୍ମାନୀକୁ ପରାସ୍ତ କରିଛି । ଆସନ୍ତାକାଲି ସନ୍ଧ୍ୟା ୫ଟା ୧୫ ମିନିଟ୍‌ରେ ଭାରତ ଓ ନେଦରଲ୍ୟାଣ୍ଡ ମଧ୍ୟରେ ମୁକାବିଲା ହେବ ।

*****